# ଅରଡ଼େଇ ଜଳ ପ୍ରବାହ ରୋକିବାକୁ ଚକ୍ରାନ୍ତ

କେନ୍ଦୁଝର,୨୦।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ବାରାହାରାଶି ପର୍ବତରୁ ବାହାରିଥିବା ଚିରସ୍ରୋତା ନଦୀ ଅରଡ଼େଇର ଜଳସ୍ତର ହ୍ରାସ ପାଉଛି। ପୂର୍ବରୁ ସହରର ମଇଳା ଆବର୍ଜନା ଯୁକ୍ତ ପାଣିକୁ ଆଣି ଅରଡେଇରେ ମିଶାଇ ଜଳକୁ ଦୂଷିତ କରାଯାଉଛି। ଏବେ ପାଣି ପାଇପ ନେବାକୁ ନଦୀ ମଝିରେ ପିଲାର ନିର୍ମାଣ କରାଯାଉଛି। ଫଳରେ ନଦୀ ଅବରୋଧ ହେଉଥିବାରୁ ନଦୀର ଜଳ ପ୍ରବାହ ପ୍ରତି ବିପଦ ସୃଷ୍ଟି କରିଛି। ଅରଡ଼େଇର ଗତିପଥ ରୋକିବାକୁ ଚକ୍ରନ୍ତା ଚାଲିଛି ବୋଲି ବୃଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଯାହା ଭବିଷ୍ୟତ ପାଇଁ କୁପ୍ରଭାବ ପକାଇବ ବୋଲି କୁହାଯାଇଛି।

ପ୍ରକାଶ ଯେ, ନଦୀ ଦ୍ୱାରା ସହର ଓ ଆଖ ପାଖ ଗ୍ରାମାଞ୍ଚଳର ଜଳସ୍ତର ନିୟନ୍ତ୍ରଣ ହେଉଛି। ନଦୀ ପାଣି ବ୍ୟବହାର କରାଯାଇ ଚାଷ କାର୍ଯ୍ୟ ହେଉଛି। ଏଣୁ ଜଳ ସେଚନ ପାଇଁ ବହୁ କୋଟି ଟଙ୍କା ବ୍ୟୟରେ ନଦୀରେ ଛୋଟ ଛୋଟ ବନ୍ଧ ଓ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ତେବେ ବିଭିନ୍ନ କାରଣରୁ ନଦୀ ପଠା ପୋତି ହୋଇ ଯାଉଥିବାରୁ କୃଷି ଉପରେ ପ୍ରଭାବ ଦେଖାଦେବ ବୋଲି ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି। ଅନ୍ୟପକ୍ଷରେ ସହରର କିଛି ବ୍ୟବସାୟୀ ସେମାନଙ୍କ ଆବର୍ଜନା, ବ୍ରୟଲର କୁକୁଡ଼ା ବର୍ଜ୍ୟ ଆଦି ନଦୀ ଧାରରେ ପକାଇ ପାହାଡ଼ ପରି ଗଦା କରୁଛନ୍ତି। ବର୍ଷା ସମୟରେ ବର୍ଜ୍ୟ ମିଶ୍ରିତ ନଦୀ ଜଳକୁ ବ୍ୟବହାର କରିବା ଫଳରେ ଅନେକ ସଂକ୍ରାମକ ରୋଗ ବ୍ୟାପିବାର ଭୟ ସୃଷ୍ଟି ହୋଇଛି ବୋଲି ବରିଷ୍ଠ ଆଇନଜୀବୀ ଜ୍ୟୋତିରତ୍ନ ମହାନ୍ତ କହିଛନ୍ତି। ଏଥିସହ ଆବର୍ଜନାରେ ନଦୀ ପୋତି ହୋଇ ଜଳ ଧାରା ତଳ ମୁଣ୍ଡକୁ ପ୍ରବାହିତ ହୋଇପାରୁନାହିଁ। ନଦୀର ଜଳଧାରା ବନ୍ଦ ହେବା ମାନବ ସଭ୍ୟତା ଓ କୃଷି ପାଇଁ ଶୁଭଙ୍କର ନୁହେଁ ଓ ଏହାକୁ ନେଇ କେନ୍ଦୁଝର ନାଗରିକ ମଞ୍ଚ ତରଫରୁ ମଞ୍ଚର ପୂର୍ବତନ ସଭାପତି ସ୍ୱର୍ଗତ ଉଇଙ୍ଗ କମାଣ୍ଡର କିରଣ ଶଙ୍କର ସାହୁଙ୍କ ପକ୍ଷରୁ କୋର୍ଟରେ ପିଟିସନ ଦାଖଲ କରାଯାଇଥିଲା। ଯାହାର ଶୁଣାଣି କରି କୋର୍ଟ ଏହି ଯୋଜନାକୁ ନିଷିଦ୍ଧ କରିଥିଲେ। ହେଲେ ତାହାକୁ ନ ମାନି କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଡ୍ରେନ ମାଧ୍ୟମରେ ଆବର୍ଜନାକୁ ଅରଡେଇ ନଦୀରେ ଛଡ଼ାଯାଉଛି। ଏବେ ପାଣି ପାଇପ ନେବାକୁ ନଦୀ ଗର୍ଭରେ ପିଲାର ନିର୍ମାଣ ହେଉଛି। ଫଳରେ ଜଳ ଧାରକୁ ବନ୍ଦ କରିଦେବ। ଫଳରେ ନିମ୍ନ ଭାଗରେ ଥିବା ଚେକ୍ ଡ୍ୟାମ ଅଚଳ ହୋଇଯିବ। ଚାଷୀ କୃଷି ପାଇଁ ଜଳ ପାଇବେ ନାହିଁ। ଅନ୍ୟପକ୍ଷରେ ମଣ୍ଡୁଆ, କାଶୀପୁର, ନରଣପୁର ଆଦି ଗ୍ରାମର ବ୍ୟବହୃତ ଶ୍ମଶାନକୁ ରାସ୍ତା ଅବରୋଧ ହେବ। ଏସବୁକୁ ଆଖି ଆଗରେ ରଖି ନିର୍ମାଣ କରାଯାଉଥିବା ପିଲାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ନଦୀର ଗତିପଥକୁ ରୋକିବାର ହୀନ ଚକ୍ରାନ୍ତ ଏବେ ତଳ ମୁଣ୍ଡର ରହୁଥିବା ଲୋକଙ୍କ ପାଇଁ କାଳ ସାଜିଛି ବୋଲି ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ସହରାଞ୍ଚଳ ଜଳ ଯୋଗାଣ ବିଭାଗର ଜେନେରାଲ ମ୍ୟାନେଜର ନାରଦ ରଥ କହିଛନ୍ତି, ପାଣି ପାଇପ ବିଛାଇବା ପାଇଁ ପିଲାର ନିର୍ମାଣ ହେଉଛି। ଏହା ଦ୍ୱାରା ନଦୀ ଜଳ ପ୍ରବାହ ଅବରୋଧ ହେବ ନାହିଁ।

**ପାଣି ପାଇପ ନେବାକୁ ପିଲାର କରାଯାଉଛି**



# କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

ପାଟଣା,୨୦।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମରେ ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀ ହେଲେ ଗ୍ରାମର ରାମ ମୁଣ୍ଡା(୫୦)। ସେ ଋଣଭାର ସହି ନ ପାରି କୀଟନାଶକ ପିଇଦେଇଥିବା ରାମଙ୍କ ସ୍ତ୍ରୀ ରୁକ୍ମଣୀ ଓ ଭାଇ ବିଜୟ ଅଭିଯୋଗ କରିଛନ୍ତି। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପାଟଣାରେ ଥିବା ୩ଟି ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ରାମ ଅଢ଼େଇ ଲକ୍ଷ ଟଙ୍କା ଋଣ କରି ଖରିଫ ଋତୁରେ ଚାଷ କରିଥିଲେ। ଧାନଚାଷ ଉଜୁଡ଼ି ଯିବାରୁ ସେ ଚିନ୍ତାରେ ଥିଲେ। ୧ ଲକ୍ଷ ପାଖାପାଖି କରଜରେ ସେ ବୁଡ଼ିଥିଲେ। ପ୍ରତିମାସ ଅର୍ଥ ଲଗାଣ ସଂସ୍ଥାର କର୍ମଚାରୀମାନେ ଘରକୁ କିସ୍ତି ଟଙ୍କା ପାଇଁ ଆସୁଥିଲେ ହେଁ ରାମ ଦେଇପାରୁ ନ ଥିଲେ। ଏ ନେଇ ସେ ମାନସିକ ଅଶାନ୍ତିରେ ଥିଲେ। ଋଣ କିସ୍ତି ଟଙ୍କାକୁ ନେଇ ଶନିବାର ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ରାମ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇଦେଇଥିଲେ। ଗୁରୁତର ହୋଇ ପ୍ରଥମେ ପାଟଣା ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ରବିବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୪) ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି। ସୋମବାର ଭାଜପା ପାଟଣା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଓ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପହଞ୍ଚି ୫ ହଜାର ଟଙ୍କା ଦେଇଥିବା ବେଳେ ବିଜେଡିର ବରିଷ୍ଠ ନେତା ଆଇନଜୀବୀ ରାହାସ ବିହାରୀ ପୃଷ୍ଟି, ସ୍ଥାନୀୟ ସମିତିସଭ୍ୟ ବିଜୟ ପଇଦା, ସରପଞ୍ଚ ଅନିତା କୁସୁମୂଳିଆ ପ୍ରମୁଖ ପହଞ୍ଚି ୫ ହଜାର ଟଙ୍କା ଯୋଗାଇଦେବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# ଲୋକଙ୍କ ମନ ଜିଣୁଛି ରେଡିଓ ଜୁହାର

କେନ୍ଦୁଝର,୨୦।୫(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)




କେନ୍ଦୁଝର ସଦର ରଘୁନାଥପୁର ପଞ୍ଚାୟତର ଖମଣଗୋଡା ସାହିସ୍ଥିତ ପ୍ରୟାସ ସେବା ଗ୍ରାମଠାରେ ରେଡିଓ ଜୁହାର ୯୦.୦ ଏଫ.ଏମର ପ୍ରଥମ ସ୍ୱନକ୍ଷତ୍ର ଦିବସ ସୋବବାର ପାଳିତ ହୋଇଯାଇଛି। ବର୍ଷକ ମଧ୍ୟରେ ରେଡିଓ ଜୁହାର ଲୋକଙ୍କ ମନ ଜିଣିଥିବା ବେଳେ ଆରମ୍ଭରୁ ଏହାର ପ୍ରସାରଣ ସକାଳେ ୨ଘଣ୍ଟା ଏବଂ ସନ୍ଧ୍ୟାରେ ୨ଘଣ୍ଟା ଚାଲିଥିଲା। ବର୍ତ୍ତମାନ ଏହା ୧୦ଘଣ୍ଟାରେ ପହଞ୍ଚି ପାରିଛି। ଚଳିତ ଏକ ବର୍ଷ ମଧ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଯଥା, ଆମ ଗାଁ ଭାଗବତ ଟୁଙ୍ଗୀ, ଲୋକଗୀତ, ଝୁମର, ମାଣବସା ଗୁରୁବାର ଗୀତ, ରଜଦୋଳି ଗୀତ, ଖୁଦୁରୁକୁଣୀ ଗୀତ ଆଦି ପ୍ରସାରିତ ହୋଇ ଆସୁଛି। ପ୍ରତ୍ୟେକ ସୋମବାର ଦିବ୍ୟାଙ୍ଗ ଭଉଣୀଭାଇଙ୍କ ପାଇଁ ‘ମୁଁ ବି ସମର୍ଥ’, ମଙ୍ଗଳବାର ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ ‘ସ୍ୱାସ୍ଥ୍ୟ ସୁରଭି’, ବୁଧବାର ‘ଆମ କୁଣିଆଁ’, ଗୁରୁବାର ଯୁବପିଢ଼ିମାନଙ୍କ ପାଇଁ ‘ଯୁବକଥା’, ଶୁକ୍ରବାର ନାରୀମାନଙ୍କ ପାଇଁ ‘ଅପରାଜିତା’, ଶନିବାର ବିଶିଷ୍ଟ କବି ଓ ଗାଳ୍ପିକମାନଙ୍କ ଦ୍ୱାରା ସ୍ୱରଚିତ କବିତା ଓ ଗଳ୍ପ ସଙ୍କଳନକୁ ନେଇ ‘ଗପ ଓ କବିତା ପସରା’ ଓ ରବିବାର କୁନିକୁନି ପିଲାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଜହ୍ନ ମାମୁଁ’ ପ୍ରସାରିତ ହେଉଛି। କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ଦିନ ସୂଚନା ଓ ଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ‘ଜ୍ଞାନ ହିଁ ବଳ ’ ପ୍ରସାରିତ ହେଉଛି। କେନ୍ଦୁଝର ବନ ବିଭାଗ ତଥା ଆଞ୍ଚଳିକ ଗବେଷଣା କେନ୍ଦ୍ର ଦ୍ୱାରା ଜନହିତରେ ଜାରୀ ହେଉଥିବା କାର୍ଯ୍ୟକ୍ରମ ‘ହାତୀ ସମ୍ପର୍କିତ ସୂଚନା’ ଓ ‘ଚାଷ ସମ୍ପର୍କିତ ପାଣିପାଗ ସୂଚନା’ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରି ପାରିଛି।

# ୧୬ କୋଟିପତି ବିଧାୟକ ପ୍ରାର୍ଥୀ

## କେନ୍ଦୁଝର ଲୋକସଭା କ୍ଷେତ୍ର

କେନ୍ଦୁଝର,୨୦।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ୨୫ ତାରିଖରେ କେନ୍ଦୁଝର ଲୋକ ସଭା କ୍ଷେତ୍ରରେ ନିର୍ବାଚନ ହେବ। ଉକ୍ତ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ କେନ୍ଦୁଝର ଜିଲାର ତେଲକୋଇ (ଏସ୍‌ଟି) ବିଧାନସଭା ଆସନରେ ୭, ଘଷିପୁରାରେ ୧୩, ଆନନ୍ଦପୁର (ଏସ୍‌ସି)ରେ ୭, ପାଟଣା(ଏସ୍‌ଟି)ରେ ୧୦, କେନ୍ଦୁଝର(ଏସ୍‌ଟି) ବିଧାନସଭା ଆସନରେ ୧୦, ଚମ୍ପୁଆରେ ୧୫ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା କ୍ଷେତ୍ରରେ ୧୧ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ମଧ୍ୟରେ ୧୬ ଜଣ କୋଟିପତି ପ୍ରାର୍ଥୀ ଥିବା ଜଣାପଡ଼ିଛି। ଏଡିଆର ରିପୋର୍ଟ ଅନୁଯାୟୀ, ଚମ୍ପୁଆର ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ଧନୀ ତାଲିକାରେ ଆଗରେ ରହିଛନ୍ତି। ତାଙ୍କର ସମୁଦାୟ ସମ୍ପତ୍ତି ମୂଲ୍ୟ ୨୨୭ କୋଟି (୨,୨୭, ୬୭,୬୨,୬୦୧ଟଙ୍କା)ଥିବା ବେଳେ ସେଥିରୁ ୧,୮୬,୭୬,୧୨,୬୦୧ ଟଙ୍କା ମୂଲ୍ୟର ସ୍ଥାବର ଓ ୪୦,୯୧,୫୦,୦୦୦ ଅସ୍ଥାବର ସମ୍ପତ୍ତି ରହିଛି। ଦ୍ୱିତୀୟରେ ଘଷିପୁରା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପତ୍ତି ମୂଲ୍ୟ ୧୨୩ କୋଟି (୧,୨୨,୮୬,୧୫,୬୪୭ ଟଙ୍କା) ରହିଛି। ସେଥିରୁ ୮୦,୧୫,୫୩,୧୪୭ ଟଙ୍କା ମୂଲ୍ୟର ସ୍ଥାବର ଓ ୪୨,୭୦,୬୨,୫୦୦ ଟଙ୍କା ମୂଲ୍ୟର ଅସ୍ଥାବର ସମ୍ପତ୍ତି ରହିଛି। ସୌମ୍ୟଙ୍କ ଉପରେ ୧୦୬ କୋଟି ଟଙ୍କା ଋଣ ରହିଥିବା ଜଣାପଡ଼ିଛି। ସେହିପରି ବିଏସ୍‌ପି ପ୍ରାର୍ଥୀ ରାମପ୍ରକାଶ ହେମ୍ବ୍ରମଙ୍କ ସମ୍ପତ୍ତି ୩୫.୮୨ କୋଟିରୁ ଊର୍ଦ୍ଧ୍ୱ, କଂଗ୍ରେସର ଯଶୋବନ୍ତ ସିଂ ନାରାୟାଣ ଲାଗୁରୀଙ୍କ ସମ୍ପତ୍ତି ପରିମାଣ ୨୦.୬୩ କୋଟିରୁ ଊର୍ଦ୍ଧ୍ୱ, ସ୍ୱାଧୀନ ପ୍ରାର୍ଥୀ ସସ୍ମିତା ରାଣୀ ସିଂଙ୍କ ୯.୬୬ କୋଟି, କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନାଙ୍କ ୫.୫୧ କୋଟି, ଭାଜପା ପ୍ରାର୍ଥୀ ମୁରଲୀ ମନୋହର ଶର୍ମାଙ୍କ ୩.୪୧ କୋଟି, ବିଜେଡି ପ୍ରାର୍ଥୀ ବଦ୍ରୀ ନାରାୟଣ ପାତ୍ରଙ୍କ ୩.୩୨ କୋଟି, ସ୍ୱାଧୀନ ପ୍ରାର୍ଥୀ ଗୁରୁବକ୍ସ ସିଂ ଆହ୍ଲୁଓ୍ୱାଲିଆଙ୍କ ୨.୦୬ କୋଟି, ଭାଜପା ପ୍ରାର୍ଥୀ ମୋହନ ଚରଣ ମାଝୀଙ୍କ ୧.୯୭ କୋଟି, କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଚକ୍ରଙ୍କ ୧.୮୭ କୋଟି, ବିଜେଡି ପ୍ରାର୍ଥୀ ଜଗନ୍ନାଥ ନାୟକଙ୍କ ୧.୭୬ କୋଟି, ରାଷ୍ଟ୍ରୀୟ ମାନବ ପ୍ରାର୍ଥୀ ଘନଶ୍ୟାମ ବାରିଙ୍କ ୧,୭୫ କୋଟି, ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ୧.୩୩ କୋଟି, ଭାଜପା ପ୍ରାର୍ଥୀ ଡା. ଫକୀର ଚରଣ ନାୟକଙ୍କ ୧.୩୧ କୋଟି, କଂଗ୍ରେସ ପ୍ରାର୍ଥିନୀ ପ୍ରତିଭା ମଞ୍ଜରୀ ନାୟକଙ୍କ ୧.୧୨ କୋଟି ଉଲ୍ଲେଖ ରହିଛି। କମ୍ ସମ୍ପତ୍ତି ତାଲିକାରେ ସ୍ୱାଧୀନ ପ୍ରାର୍ଥୀ ଧନେଶ୍ୱର ମୁଣ୍ଡାରୀ ୫ମ ସ୍ଥାନରେ ରହିଛନ୍ତି। ତାଙ୍କ ସମ୍ପତ୍ତି ପରିମାଣ ୪,୩୦୦ ଟଙ୍କା ଥିବା ଉଲ୍ଲେଖ କରାଯାଇଛି।

# ନିର୍ବାଚନ ପାଇଁ ଜମି, ଛେଳି ବିକିଲେ

## ଦିବ୍ୟାଙ୍ଗ ବିଧାୟକ ପ୍ରାର୍ଥୀ

କେନ୍ଦୁଝର, ୨୦।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲା ପାଟଣା ବିଧାନସଭା କ୍ଷେତ୍ରର ବିକାଶ ପାଇଁ ଏଥର ପ୍ରାର୍ଥୀ ହୋଇଛନ୍ତି ଦିବ୍ୟାଙ୍ଗ ଦତ ମୁଣ୍ଡା (୫୩)। ତେବେ ନିର୍ବାଚନ ଲଢ଼ିବା ଲାଗି ସେ ଜମି ଓ ଗୃହପାଳିତ ପ୍ରାଣୀଙ୍କୁ ବିକ୍ରି କରିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ପାଟଣା ବ୍ଲକ୍ ବଡ଼ଡୁମୁରିଆ ପଞ୍ଚାୟତ ବାଲିପଶିଗ୍ରାମର ଦତ ଗାୟତ୍ରୀ ପରିବାରର ଜଣେ ସଦସ୍ୟ। ପିଲାଟି ଦିନରୁ ଦୁଇ ହାତ ପୋଲିଓ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ଜୀବନ ବିତାଉଛନ୍ତି। ତଥାପି ସେ ଲୋକଙ୍କ ସେବା ଲାଗି ମନ ବଳାଇ ଚଳିତ ବର୍ଷ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇ ହାରିଥିଲେ ହେଁ ହାର ମାନି ନାହାନ୍ତି। ଝୁମ୍ପୁରା ବ୍ଲକ୍ ବସନ୍ତପୁରସ୍ଥିତ ଆଦିବାସୀ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ହାଇସ୍କୁଲରୁ ମାଟ୍ରିକ ପାସ ପରେ ଅର୍ଥାଭାବରୁ ଅଧିକ ପଢିପାରି ନ ଥିଲେ। ମା’ ବାପା କୁଲି ମଜୁରୀ କରୁଥିଲେ। ନିଜର ଘର ଖଣ୍ଡେ ନାହିଁ। ଏଣୁ ଗରିବ ଲୋକଙ୍କ ଅସୁବିଧା ସେ ଜାଣନ୍ତି । ଗରୀବ ଲୋକଙ୍କୁ ନ୍ୟାୟ ଦେବାକୁ ସେ ନିର୍ବାଚନ ଲଢୁଥିବା କହିଛନ୍ତି। ପରିବାର ଓ ଗାଁ ଭାଇ ମନୋଜ ମହାନ୍ତ ତାଙ୍କୁ ସହାୟତା କରୁଛନ୍ତି। ତେବେ ବ୍ୟୟବହୁଳ ନିର୍ବାଚନ ପାଇଁ ୩ ଏକର ଜମି, ଛେଳି, ମେଣ୍ଢା ବିକିବାକୁ ପଡ଼ିଥିବା ଉଲ୍ଲେଖ କରିବା ସହ ପ୍ରଶାସନ ଓ ଲୋକଙ୍କ ପାଖରୁ ସମର୍ଥନ ମିଳୁଥିବା ପ୍ରାର୍ଥୀ ଦତ କହିଛନ୍ତି।

# ନବୀନ ଓ ବିରୋଧୀଙ୍କ ଫ୍ୟାକ୍ଟରକୁ ନେଇ ଚର୍ଚ୍ଚା

ହାଟଡିହୀ,୨୦।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଏଥର ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସମସ୍ତ ପ୍ରାର୍ଥୀଙ୍କ ଘର ହାଟଡିହୀ ବ୍ଲକ ଅଞ୍ଚଳରେ । ତେବେ ଏଠାରେ ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଭାଜପାର ଆଲୋକ ସେଠୀ ଏବଂ କଂଗ୍ରେସର ଜୟଦେବ ଯେନାଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବ ବୋଲି ସ୍ପଷ୍ଟ ହେଉଛି । ଅଭିମନ୍ୟୁ କର୍ମୀଙ୍କ ଘର ଘର ବୁଲି ବିଜେଡି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ କହି ଭୋଟ ଭିକ୍ଷା କରିବା ସହ ପ୍ରଚାରକୁ ଜୋରଦାର କରିଛନ୍ତି । କଂଗ୍ରେସ ପ୍ରାର୍ଥୀ ଜୟଦେବ ଉଭୟ ବିଜେଡି ଏବଂ ଭାଜପାକୁ ଟାର୍ଗେଟ କରି ପ୍ରଚାର ଚଳାଇଛନ୍ତି । ଭାଜପା ପ୍ରାର୍ଥୀ ଆଲୋକ ମଧ୍ୟ କଂଗ୍ରେସ ଏବଂ ବିଜେଡିକୁ ଟାର୍ଗେଟ କରି ପ୍ରଚାର କରୁଥିବା ବେଳେ ମୋଦି ଫ୍ୟାକ୍ଟରକୁ ପ୍ରସଙ୍ଗ କରୁଛନ୍ତି । ସ୍ୱାଧୀନ ପ୍ରାର୍ଥୀ ମାନେ ବି ସମର୍ଥକଙ୍କ ସହ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ଅପରପକ୍ଷେ ବିଜେଡିରୁ ଟିକେଟ ଆଶାୟୀ ଥିବା ସ୍ୱାଧୀନ ପ୍ରାର୍ଥୀ ବିଶ୍ୱପ୍ରତାପ ଯେନା ଅଭିମନ୍ୟୁଙ୍କୁ ହରାଇବା ଲକ୍ଷ୍ୟରେ ନିର୍ବାଚନ ଲଢୁଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ଏଥିସହ ବିଜେଡିରୁ ଇସ୍ତଫା ଦେଇଥିବା ବିଧାୟକ ଭାଗୀରଥି ସେଠୀ ଏଥର ବିଜେଡି ପ୍ରାର୍ଥୀଙ୍କୁ ହରାଇବା ତାଙ୍କ ଲକ୍ଷ୍ୟ ବୋଲି ଖୁଲମଖୁଲା ପ୍ରକାଶ କରିଛନ୍ତି । ବିରୋଧୀ ଦଳ ମଧ୍ୟ ଗଡ଼ ଦଖଲ ପାଇଁ ମାନସ ମନ୍ଥନ କରୁଛି । ତେବେ ବିଜୁବାବୁ ଏବଂ ନବୀନଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ସହ ପଡୋଶୀ ଘସିପୁରା ବିଧାୟକ ପ୍ରାର୍ଥୀଙ୍କ ରଣନୀତି ଏଠାରେ ବିଜେଡିକୁ ସମର୍ଥନ ବଢାଇପାରେ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଫ୍ୟାକ୍ଟର ଆଗରେ ବିରୋଧୀଙ୍କ ଫ୍ୟାକ୍ଟର ଯଥେଷ୍ଟ ନ ହୋଇପାରେ ବୋଲି ବରିଷ୍ଠ ଆଇନଜୀବୀ ସଞ୍ଜୟ ମିଶ୍ର କହିଛନ୍ତି ।

# ବାରିଗାଁରେ ପିଇବା ପାଣି ପାଇଁ ହାହାକାର

କେନ୍ଦୁଝର,୨୦।୫(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ଗାଁରେ ନିର୍ମାଣ ହୋଇଥିବା ପାଣିଟାଙ୍କି।

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କାଠବାରୀ ପଞ୍ଚାୟତ ବାରିଗାଁରେ ପିଇବା ପାଣି ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଗାଁରେ ବସୁଧା ଯୋଜନାରେ ପାଣିଟାଙ୍କି ନିର୍ମାଣ ହୋଇଥିଲେ ବି ଜଳ ଯୋଗାଣ ହେଉନି। ଫଳରେ ଗ୍ରାମବାସୀ ପୂର୍ବଭଳି ନାଳ ପାଣି ବ୍ୟବହାର କରୁଛନ୍ତି।

ସୂଚନା ଅନୁଯାୟୀ, ଜିଲାର ସଦର ମହକୁମାଠାରୁ ବହୁ ଦୂରରେ ଅବସ୍ଥିତ ଉକ୍ତ ଗ୍ରାମରେ ପାଖାପାଖି ୧୨୦୦ଆଦିବାସୀ ବସବାସ କରୁଛନ୍ତି। ସବୁ ସରକାରୀ ଯୋଜନା ସହରତଳି ଅଞ୍ଚଳରେ ହେଉଥିବା ବେଳେ ଉକ୍ତ ଗ୍ରାମକୁ ଅବହେଳା କରାଯାଉଛି। ଗାଁ ଥିବା ନଳକୂପ ଖରାପ ହୋଇଯାଇଥିବାରୁ ଲୋକେ ଦୂଷିତ ନାଳ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ବସୁଧା ଯୋଜନାରେ ପାଇପ୍ ବିଛା ଯାଇଛି, ଓଭରହେଡ୍ ପାଣିଟାଙ୍କି ନିର୍ମାଣ ସରିଛି। ମାତ୍ର ପାଣିର ଦର୍ଶନ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପସଭାପତି ଜୟକୃଷ୍ଣ ନାଏକ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନଙ୍କୁ ଅବଗତ କରିଛନ୍ତି। ତୁରନ୍ତ ପିଇବା ପାଣି ଯୋଗାଇବା ସହିତ ରାସ୍ତାର ଉନ୍ନତୀ ପାଇଁ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ନିବେଦନ କରିଛନ୍ତି। ଗ୍ରାମବାସୀ ମଧ୍ୟ ଜଳ ଯୋଗାଣ ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ମାଛ ଧରିଲା ବେଳେ ଜୀବନ ଗଲା

ଖୁଣ୍ଟା,୨୦।୫(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଅଙ୍ଗାରକୁଣ୍ଡିଆ ପଞ୍ଚାୟତ ପୋଖରୀରୁ ମାଛ ଧରିଲା ବେଳେ ପାଣିରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୃପାସିନ୍ଧୁ ସିଂ (୪୫)।

ପୋଲିସର ସୂଚନା ଅନୁଯାୟୀ, କୃପାସିନ୍ଧୁ ସୋମବାର ଅନ୍ୟମାନଙ୍କ ସହିତ ପଞ୍ଚାୟତ ପୋଖରୀରୁ ମାଛ ଧରୁଥିଲେ। ମାଛ ଧରିବା ପାଇଁ ପାଣିରେ ବୁଡ଼ିଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପରକୁ ଉଠି ନ ଥିଲେ। ସେଠାରେ ଥିବା ଅନ୍ୟମାନେ ଖୋଜାଖୋଜି କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖୁଣ୍ଟା ଅଗ୍ନିଶମ ବିଭାଗ ପହଞ୍ଚି କୃପାସିନ୍ଧୁଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ସ୍ତ୍ରୀ ନିନି ସିଂଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୯/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଶିବିର

କେନ୍ଦୁଝର,୨୦।୫ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର କଲେଜ ରୋଡସ୍ଥ ମା’ ତାରିଣୀ ୱାକର୍ସ କ୍ଲବ୍ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ସୋମବାର ଆୟୋଜିତ ହୋଇଯାଇଛି। କ୍ଲବ୍‌ର ସଭାପତି ତଥା ବରିଷ୍ଠ ଡାକ୍ତର ପିସି ଦାସଙ୍କ ମାର୍ଗଦର୍ଶନରେ ମଧୁମେହ, ୟୁରିକଏସିଡି, କିଡ୍‌ନୀ, ରକ୍ତହୀନତା, ବୋନଟେଷ୍ଟ ଆଦି କରାଯାଇଥିଲା। ବିଭିନ୍ନ ଔଷଧ କମ୍ପାନୀର ସହଯୋଗରେ ଟେକ୍ନିସିଆନ ବାମନ ସାମଲ, ଶଶୀକାନ୍ତ ଦାସ, ସଞ୍ଜୟ ଦାସ, ମଧୁସୂଦନ ମଣ୍ଡଳ, ଅନିଲ ଦାସ ପ୍ରମୁଖ ରୋଗ ନିରୂପଣ କରିଥିଲେ। ଉପସ୍ଥିତ ଔଷଧ କମ୍ପାନୀର କର୍ମଚାରୀମାନେ ରାଗୋମାନଙ୍କୁ ମାଗଣା ଔଷଧ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍‌ର ସମ୍ପାଦକ ଅଧ୍ୟାପକ ବିଦ୍ୟାଧର ଚୌଧୁରୀ, ପ୍ରଶାନ୍ତ ସ୍ୱାଇଁ, ଜିତୁ ଦାସ, ଭାଗୀରଥି ହେମ୍ବ୍ରମ, ଆର୍ତ୍ତ ରାଉତ, ରାମଚନ୍ଦ୍ର ତ୍ରିପାଠୀଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଆଦିବାସୀଙ୍କ ଭୋଟ ନିର୍ଣ୍ଣାୟକ

## ପାଟଣା ବିଧାନସଭା କ୍ଷେତ୍ର

ପାଟଣା,୨୦।୫(ବୀର କିଶୋର ଦାଶ)

କେନ୍ଦୁଝର ଲୋକସଭା କ୍ଷେତ୍ରରେ ମେ ୨୫ରେ ଭୋଟ ହେବ। ଲୋକସଭା କ୍ଷେତ୍ର ଅଧୀନ ପାଟଣା ନିର୍ବାଚନମଣ୍ଡଳୀରେ ୬ ଜଣ ସୀକୃତିପ୍ରାପ୍ତ ଦଳରୁ ପ୍ରାର୍ଥୀ ହୋଇଥିବା ବେଳେ ମଇଦାନରେ ୪ ସ୍ୱାଧୀନ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନମଣ୍ଡଳୀରେ ୪ ଆଦିବାସୀବହୁଳ ବ୍ଲକ୍ ଯଥା– ପାଟଣାର ୨୦ ପଞ୍ଚାୟତ, ସାହାରପଡ଼ାର ୨୦, ଝୁମ୍ପୁରାର ୧୦ ଓ ଚମ୍ପୁଆ ବ୍ଲକ୍‌ର ୬ ପଞ୍ଚାୟତ ରହିଛି। ବିଶେଷକରି ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢ଼େଇ ହେବା ନେଇ ଆଲୋଚନା ହେଉଥିବା ବେଳେ ଏଠାରେ ଆଦିବାସୀଙ୍କ ସଂଖ୍ୟା ଅଧିକ ଥିବାରୁ ଏମାନଙ୍କ ଭୋଟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ ବୋଲି ରାଜନୈତିକ ବିଶାରଦମାନେ କହୁଛନ୍ତି।

ବିଜେଡିରୁ ଜଗନ୍ନାଥ ନାଏକ, ଭାଜପାରୁ ଅଖିଳ ଚନ୍ଦ୍ର ନାଏକ, କଂଗ୍ରେସରୁ ହୃଷୀକେଶ ନାଏକ, ବହୁଜନ ସମାଜ ପାର୍ଟିରୁ ଦୁର୍ଲ୍ଲଭ ନାଏକ, ମାନସ ଲୋକଶକ୍ତି ଦଳରୁ ଧନେଶ୍ୱର ମୁଣ୍ଡାରୀ, କମ୍ୟୁନିଷ୍ଟ ଦଳ ପକ୍ଷରୁ ବେଣୁଧର ସର୍ଦ୍ଦାର, ସ୍ୱାଧୀନ ପ୍ରାର୍ଥୀ ଭାବେ ଅନିରୁଦ୍ଧ ନାଏକ, ଦତ୍ତ ମୁଣ୍ଡା, ଦୀପକ ନାୟକ ଓ ଲୋକନାଥ ନାଏକ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏଠାରେ ଉଭୟ ବିଜେଡି, ଭାଜପା ପ୍ରଚାର ଜୋରଦାର କରିଥିବା ବେଳେ ଏମାନଙ୍କ ପଛକୁ କଂଗ୍ରେସ ରହିଛି। ବିଜେଡି ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ପ୍ରସଙ୍ଗ କରି ଭୋଟ ଭିକ୍ଷା କରୁଥିବା ବେଳେ ଭାଜପା କେନ୍ଦ୍ର ଯୋଜନା ଓ ମୋଦିଙ୍କ ଗ୍ୟାରେଣ୍ଟିକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା ଚଳାଇଛି। କଂଗ୍ରେସ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ମଧ୍ୟରେ ମେଣ୍ଟ ଚାଲିଛି ବୋଲି ଅଭିଯୋଗ କରିବା ସହ ରାହୁଲ ଗାନ୍ଧୀଙ୍କ ଗ୍ୟାରେଣ୍ଟିକୁ ଲୋକଙ୍କ ପାଖରେ ପହଞ୍ଚାଇ ଭୋଟ ଭିକ୍ଷା କରୁଛି। ଏଥିସହ ସ୍ୱାଧୀନ ପ୍ରାର୍ଥୀ ନିଜସ୍ୱ ଏଜେଣ୍ଡା ନେଇ ଲୋକଙ୍କ ପାଖକୁ ଯାଉଥିବା ଦେଖିବାକୁ ମିଳିଛି। ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ କହିଛନ୍ତି, ନିର୍ବାଚନମଣ୍ଡଳୀରେ ଅନେକ ଜନହିତକର କାର୍ଯ୍ୟ ଆମ ସରକାର ଅମଳରେ ହୋଇଛି। ଏହାକୁ ନେଇ ଲୋକଙ୍କ ପାଖକୁ ଯାଉଛି। ଲୋକେ ନବୀନ ବାବୁଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବେ ବୋଲି ସେ କହିଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ ଅଖିଳ କହିଛନ୍ତି, ବିଜେଡି ସରକାର ଭାଜପାର ଅନେକ କେନ୍ଦ୍ରୀୟ ଯୋଜନାକୁ ହାଇଜାକ କରିଛି। ଲୋକେ ଡବଲ ଇଞ୍ଜିନ ସରକାର ଆଣିବାକୁ ଆଗ୍ରହ ପ୍ରକାଶ କଲେଣି। ଭାଜପା ଏଥର ପାଟଣା ବିଧାନସଭା ଦଖଲ କରିବ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ପ୍ରାର୍ଥୀ ହୃଷୀକେଶ କହିଛନ୍ତି, ନିର୍ବାଚନମଣ୍ଡଳୀରେ ତାଙ୍କ ୨୫ ବର୍ଷ କାର୍ଯ୍ୟକାଳରେ ଅର୍ଦ୍ଧାଧିକ କାର୍ଯ୍ୟ ହୋଇଛି। ଲୋକେ କହୁଛନ୍ତି, ଏଥର ସରକାର ବଦଳାଇବେ। ଆମକୁ ଭୋଟ ଦେଇ ବିଜୟୀ କରିବେ ବୋଲି କହିଥିଲେ। ବିଶେଷକରି ନିର୍ବାଚନମଣ୍ଡଳୀରେ ଅଧିକାଂଶ ଭୋଟର ଆଦିବାସୀ ହୋଇଥିବାରୁ ଯିଏ ଆଦିବାସୀଙ୍କୁ ମନେଇପାରିଲା ସେ ଫାଇଦା ନେବ ବୋଲି ରାଜନୀତି ବିଶାରଦମାନେ କହୁଛନ୍ତି। ଏଥିସହ ଜଳସେଚନ, ଫାଷ୍ଟଟ୍ରାକ୍ କୋର୍ଟ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଡାକ୍ତର ଅଭାବ ମୁଖ୍ୟ ପ୍ରସଙ୍ଗ ହେବ। ଅନ୍ୟପକ୍ଷେ ସନାସେନା ଓ ଅସନ୍ତୁଷ୍ଟ ନେତା ଏବଂ କର୍ମୀଙ୍କ ଭୂମିକା ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି।

# ମୋରଡ଼ା,ବେତନଟୀରେ ହାତୀ ଆତଙ୍କ

ମୋରଡ଼ା(ସ୍ମାରକ ମାଜୀ)/ ବେତନଟୀ(ଧରଣୀଧର ମହାନ୍ତି),୨୦।୫

ମୟୂରଭଞ୍ଜ ଜିଲା ମୋରଡ଼ା ଓ ବେତନଟୀ ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି। ମୋରଡ଼ା ବ୍ଲକ ତଥା ରାସଗୋବିନ୍ଦପୁର ରେଞ୍ଜରେ ବର୍ଷ ତମାମ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ଏହାକୁ ରୋକିବାରେ ବନ ବିଫଳ ହୋଇଛି। ୨ ଦିନ ହେଲା ୪୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ଅସନବଣୀ ଜଙ୍ଗଲରେ ଡେରା ପକାଇଛନ୍ତି। ସୋମବାର ହାଣ୍ଡିଭଙ୍ଗା ହୋଇ ସମାଇଡ଼ିହି ଯାଇଥିଲେ। ତେବେ ଏହି ରିପୋର୍ଟ ଲେଖାହେବା ବେଳକୁ ହାତୀପଲ ଶୁଖିଲାଖାଲି ଜଙ୍ଗଲରେ ଥିବା ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି। ହାତୀପଲକୁ ନେଇ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

ସେହିପରି ବେତନଟୀ ରେଞ୍ଜ ଅଞ୍ଚଳରେ ୮୪ଟି ହାତୀ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ଥାନ୍ତିଆମୁହାଁ ନିକଟ ଦୁର୍ଗାପୁର ଜଙ୍ଗଲରେ ୩୬ଟି ହାତୀ ଥିବା ବେଳେ ସୁଖିଲାଖାଲି ଜଙ୍ଗଲରେ ୪୮ଟି ହାତୀ ରହିଛନ୍ତି। ହାତୀପଲରେ ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀ ମିଶିକି ରହିଥିବା ଜଣାପଡିଛି। ଫଳରେ ହାତୀ ରହୁଥିବା ଜଙ୍ଗଲ ଓ ବେତନଟୀ ବନାଞ୍ଚଳରୁ ନୀଳଗିରି ବନାଞ୍ଚଳ ମଧ୍ୟରେ ଥିବା ହାତୀ ଚଲାପଥ ପାର୍ଶ୍ୱରେ ସ୍ଥାନୀୟ ବାସିନ୍ଦାଙ୍କ ଧନ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ହାତୀ ଭୟରେ ଲୋକେ ଜଙ୍ଗଲକୁ ଯାଇ ପାରୁ ନ ଥିବାରୁ ଗୁଜୁରାଣ ମେଣ୍ଟାଇବା ପାଇଁ ଜଙ୍ଗଲ ଜାତ ସମ୍ପଦ ସଂଗ୍ରହ କରିବାରେ ବାଧା ଉପୁଜୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବାଲେଶ୍ୱର ଗସ୍ତ ଆଜି

#### ନିର୍ବାଚନୀ ପ୍ରଚାରରେ ଯୋଗଦେବେ

ବାଲେଶ୍ୱର, ୨୦।୫(ମାନସ ବିଶ୍ୱାଳ)- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ତିନିଦିନିଆ ବାଲେଶ୍ୱର ଗସ୍ତରେ ଆସି ଭାଜପାର ନିର୍ବାଚନୀ ପ୍ରଚାରରେ ଯୋଗ ଦେବେ। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ରେଳମନ୍ତ୍ରୀ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଟ୍ରେନ୍ ଯୋଗେ ବାଲେଶ୍ୱର ରେଳଷ୍ଟେଶନ ପହଞ୍ଚିବେ। ଅପରାହ୍ନ ୪ଟାରେ ରେମୁଣା ବାଲିପାଳ ପଡ଼ିଆରେ ମହିଳା ସମ୍ମିଳନୀକୁ ସେ ସମ୍ବୋଧିତ କରିବେ। ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ କସିପଦା ପଡିଆରେ ଏକ ଜନସଭାକୁ ସନ୍ଧ୍ୟା ୬ଟାରେ ମନ୍ତ୍ରୀ ସମ୍ବୋଧିତ କରିବେ। ସେହିପରି ଆସନ୍ତା ୨୨ତାରିଖ ବୁଧବାର ପୂର୍ବାହ୍ନ ୧୧ଟାରେ ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ଲଙ୍ଗଳେଶ୍ୱର ପଡ଼ିଆରେ ଏକ ଯୁବା ସମାବେଶକୁ ସମ୍ବୋଧିତ କରିବେ। ପରେ ଅପରାହ୍ନ ୪ଟାରେ ଭୋଗରାଇ ହେଲିପ୍ୟାଡ୍ ପଡ଼ିଆରେ ଆୟୋଜିତ ସମ୍ମିଳନୀରେ ଯୋଗଦେବେ। ପରେ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଲନ୍ଦା ପଡ଼ିଆରେ ଆୟୋଜିତ ଜନସଭାରେ ରେଳମନ୍ତ୍ରୀ ଯୋଗଦାନ କରିବେ। ସେହିପରି ଆସନ୍ତା ୨୩ତାରିଖ ପୂର୍ବାହ୍ନ୧୧ଟାରେ ନୀଳଗିରି ନିର୍ବାଚନମଣ୍ଡଳୀ ଅଧୀନ ସନ୍ତରାଗଡ଼ିଆ କଲେଜ ପଡିଆରେ ଏକ ଯୁବା ସମାବେଶକୁ ସମ୍ବୋଧିତ କରିବେ। ଅପରାହ୍ନ ୪ଟାରେ ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ଶାଳିକୋଠା ପଡିଆରେ ଆୟୋଜିତ ମହିଳା ସମାବେଶରେ ଅଂଶଗ୍ରହଣ କରିବେ। ତାଙ୍କ ଗସ୍ତର ଶେଷ କାର୍ଯ୍ୟକ୍ରମ ବାଲେଶ୍ୱର ନଗରରେ ରୋଡ୍ ଶୋ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ।

### ବିଲରେ ଛିଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ୪ ଗାଈ ମୃତ

#### ବିଭାଗକୁ ଦାୟୀ କଲା ଉପଭୋକ୍ତା ମଞ୍ଚ

ଜଳେଶ୍ୱର , ୨୦।୫(ନବୀନ ସାହୁ/ରବିନାରାୟଣ ପାତ୍ର): ବିଦ୍ୟୁତ୍ ବିଭାଗର ଅବହେଳା ଲାଗି ସୋମବାର ୪ ଗାଈଙ୍କ ମୃତ୍ୟୁ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି ଜଳେଶ୍ୱର ବ୍ଲକ ନାମ୍ପୋ ଗାଁର ସୁକାନ୍ତ ଜେନା, ଡଲିରାଣୀ ଜେନା, ସୁମନ ଜେନା।

ନାମ୍ପୋ ଜଗନ୍ନାଥ ମନ୍ଦିର ନିକଟରେ ସୋମବାର ପୂର୍ବାହ୍ନରେ ୪ ଗାଈ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମରିପଡିଥିବା ଦେଖିବାକୁ ମିଳିଥିଲା। ଗାଈଗୁଡିକ ବିଲକୁ ଚରିବାକୁ ଯାଇଥିବା ବେଳେ ୧୧କେଭି ବିଦ୍ୟୁତ୍ ଖୁଣ୍ଟର ତାର ଛିଡି ଝୁଲି ରହିଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଏହି ଗାଈଗୁଡିକ ୧୨ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ଦେଉଥିବା କୁହାଯାଇଛି। କିନ୍ତୁ ଖୁଣ୍ଟ ଓ ତାରଗୁଡିକ ବହୁ ପୁରୁଣା ହୋଇଥିବାରୁ ଏପରି ବାରମ୍ବାର ଦୁର୍ଘଟଣା ଜଳେଶ୍ୱର ଅଞ୍ଚଳରେ ଘଟିଆସୁଛି। କମ୍ପାନୀ ପକ୍ଷରୁ ସବୁ ତାର ଓ ଖୁଣ୍ଟ ବଦଳାଇବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ସେଠାରେ ଥିବା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ପଲ୍ଟୁ ଦାସ ଓ ଗୋପାଳ କୃଷ୍ଣ ଜେନା ମୃତ ଗାଈଗୁଡିକର ମୂଲ୍ୟ ମାଲିକଙ୍କୁ ଦେବାକୁ ଦାବି କରିଛନ୍ତି। ନଚେତ୍ ମଞ୍ଚ ପକ୍ଷରୁ ଗଣ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜଙ୍ଗଲରୁ ଜବତ

ଔପଦା, ୨୦।୫(ଧରିତ୍ରୀ ପଣ୍ଡା)-ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ଗଜାଆମ୍ବ ଗ୍ରାମର ଏକ ସପ୍ତାହ ଧରି ନିଖୋଜ ଥିବା ଆଦିବାସୀ ଯୁବକ କାହ୍ନୁ ସିଂ(୬୪)ଙ୍କର ଗଳିତ ମୃତଦେହ ସୋମବାର ଜଙ୍ଗଲରୁ ଜବତ ହୋଇଛି। ମୃତଦେହ ପଚିଯିବା ସହ ତାଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହୋଇଯାଇଛି। ମୃତ କାହ୍ନୁଙ୍କ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସୋମବାର ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ତାଙ୍କ ପିନ୍ଧା ଲୁଗାକୁ ଦେଖି ଔପଦା ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ରେଞ୍ଜର ମନୋରଞ୍ଜନ ନାୟକ ଏବଂ ମାଜିଷ୍ଟ୍ରେଟ ଭାବେ ଔପଦା ତହସିଲଦାର ମିତାଲି ମଧୁଛନ୍ଦା ପାତ୍ରଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇଛି। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କାହ୍ନୁ ଶାଗ ତୋଳିବା ପାଇଁ ଯାଇଥିବା ବେଳେ ହାତୀ ମାରିଦେଇଥିବା ତାଙ୍କ ସ୍ତ୍ରୀ ଶୁକ ସିଂ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଉଛି।

# ସରିଲା ନୀଳରୁଦ୍ରେଶ୍ୱର ମହାଦେବଙ୍କ ପାଟପର୍ବ

ଭୋଗରାଇ, ୨୦।୫(ପ୍ରଦୀପ ଦାସ)


ପାଟଉତ୍ସବରେ ରଙ୍ଗିନ ଆଲୋକରେ ସଜ୍ଜିତ ପଞ୍ଚୁମୁଣ୍ଡିଆ ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମାନକୁଣ୍ଡା କ୍ରିକେଟ ପଡ଼ିଆରେ ବାବା ନୀଳରୁଦ୍ରେଶ୍ୱର ମହାଦେବଙ୍କ ପାଟପର୍ବ ରବିବାର ସମ୍ପନ୍ନ ହୋଇଛି। ଏହି ଉତ୍ସବରେ ଶତାଧିକ ମହିଳା, ପୁରୁଷ ଓ ଶିଶୁ ଉପବୀତଧାରୀ ଭକ୍ତମାନେ ଜୀଉଙ୍କଠାରେ ୧୧ଦିନ ଧରି ବ୍ରତ ପାଳନ ପୂର୍ବକ ଦିନତମାମ ଛେପ ନ ଢୋକି ଉପବାସ ରହି ଶିବଙ୍କୁ ଆରାଧନା କରିଥିଲେ। ରାତିରେ ଅର୍ଘ୍ୟଦାନ ପରେ ହବିଷା ଭୋଜନ କରିଆସୁଥିଲେ। ଶନିବାର ବାବାଙ୍କ ପୀଠରେ ମହାନୀଳ ପର୍ବ ଓ ଜଳଲାଗି ଅନୁଷ୍ଠିତ ହୋଇଥିଲା। ରବିବାର ପାଟପର୍ବରେ ମାନକୁଣ୍ଡା ଗ୍ରାମସ୍ଥିତ ହାକାଣ୍ଡ ପୋଖରୀରୁ ପାଟଭକ୍ତଙ୍କ ସହିତ ଦେଉଳିଆ, ଶ୍ରୀବେକିଡି ଓ ସମସ୍ତ ଉପବୀତଧାରୀ ଭକ୍ତ ସାହାନାଇ, ଢାକ, ଢୋଲ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶିବ ଦୁର୍ଗାଙ୍କ ଚଳନ୍ତି ଘଟକୁ ପୁଷ୍ପ ଶୋଭିତ କରି ମସ୍ତକରେ ଧାରଣ କରି ଶୈବ ନୃତ୍ୟ ପ୍ରଦର୍ଶନ କରିବା ସହିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମନ୍ଦିରକୁ ବିଜେ କରିଥିଲେ। ଏହି ବିରଳ ଦୃଶ୍ୟ ଦେଖିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା। ମେଳାରେ ମୁଖ୍ୟ ଆକର୍ଷଣ ଭାବେ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ଆଦିବାସୀ ମହିଳା ଦଳ ମୁଣ୍ଡରେ କଳସୀ ଉପରେ କଳସୀ ରଖି ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ପାଟପର୍ବରେ ଆକର୍ଷଣୀୟ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ 'ପଞ୍ଚ ମୁଣ୍ଡିଆ', ଆଟଲାସ ପ୍ରତିକୃତି, ମାନସିକ ଭକ୍ତମାନଙ୍କ ଶୈବ ଦଣ୍ଡ ନୃତ୍ୟ, ବିଭିନ୍ନ ପ୍ରକାର ବାଦ୍ୟ ଆଦି ମେଳାରେ ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା। ଏହାବ୍ୟତୀତ ୫୦ରୁ ଊର୍ଦ୍ଧ୍ୱ କଣ୍ଟାପାଟୁଆ ଭକ୍ତ ନିଜ ଶରୀରରେ ସାହସ୍ରାଧିକ ଲୁହା କଣ୍ଟା ଫୋଡ଼ି ଭଗବାନ ଶିବଙ୍କଠାରେ କୃଚ୍ଛ୍ରସାଧନା ପୂର୍ବକ ଦଣ୍ଡ ନୃତ୍ୟ ପରିବେଷଣ ଏହି ମେଳାର ମୁଖ୍ୟ ଆକର୍ଷଣ ସାଜିଥିଲା। ଲୋକଙ୍କ ତୃଷ୍ଣା ନିବାରଣ ପାଇଁ ଭୋଗରାଇ କଂଗ୍ରେସ ପକ୍ଷରୁ ମେଳାରେ ଥଣ୍ଡା ପାଣି, ବୁଟଛଲା ବଣ୍ଟନ କରାଯାଇଥିଲା। ବାବା ନୀଳରୁଦ୍ରେଶ୍ୱର ଟ୍ରଷ୍ଟ ବୋର୍ଡ଼ ସଭାପତି ପଣ୍ଡିତ ଅମର ପଣ୍ଡା, ସମ୍ପାଦକ ତଥାଗତ ମିଶ୍ର, କୋଷାଧ୍ୟକ୍ଷ ନୀଳମଣି ମହାନ୍ତି, ସଞ୍ଜୟ ବେହେରା, ସୁଶୀଲ ପାତ୍ର, ବାଦଲ ଦ୍ୱିବେଦୀ, ଅନୀଲ ମହାନ୍ତି, ମୃତ୍ୟୁଞ୍ଜୟ ବେହେରା, ଶକ୍ତିପଦ ପାତ୍ର, ରଞ୍ଜନ ପ୍ରଧାନ, ଉଦୟ ପାତ୍ର, ଶ୍ୟାମସୁନ୍ଦର ମହାନ୍ତି, ଶୁକଦେବ ପାତ୍ର, ତରୁଣ ଦ୍ୱିବେଦୀ, ଦେବାଶିଷ ଦ୍ୱିବେଦୀ, ଘନଶ୍ୟାମ ପାଢ଼ୀ, ମୃଣ୍ମୟ ପାଣି, ଅଜୟ ବାରିକ ଓ ସୁମନ ପାତ୍ର ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି ମେଳା ପରିଚାଳନା କରିଥିଲେ। ମେଳାରେ ଆଖପାଖ ଅଞ୍ଚଳର ବହୁ ଯାତ୍ରୀଙ୍କ ସମାଗମ ହୋଇଥିଲା।

# ବାଲେଶ୍ୱରରେ ଭାଜପା ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର


ବାଲେଶ୍ୱରରେ ପହଞ୍ଚିବା ପରେ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କୁ ସ୍ୱାଗତ କରାଯାଉଛି।

ବାଲେଶ୍ୱର, ୨୦।୫(ମାନସ ବିଶ୍ୱାଳ)

ଭାଜପାର ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର ସାଙ୍ଗଠନିକ କାମରେ ବାଲେଶ୍ୱର ଆସିଛନ୍ତି। ସେ ସୋମବାର ଅପରାହ୍ନ ୧ଟାରେ ବାମପଦାସ୍ଥିତ ନୋସି ହେଲିପ୍ୟାଡରେ ଅବତରଣ କରିଥିଲେ। ଏହି ସମୟରେ ଭାଜପା ଜିଲା ସମ୍ପାଦକ ବିଜୟ ସାହୁ, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବରିଷ୍ଠ ନେତା ଅଜିତ୍ ପାଢ଼ୀଙ୍କ ସହିତ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ପରେ ତୋମାର ସମଗ୍ର ଲୋକସଭା ଓ ୭ ବିଧାନସଭାର ନିର୍ବାଚନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ପର୍ଯ୍ୟାୟକ୍ରମେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ବଡ଼ସାହି ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ସମେତ ସମସ୍ତ ସଂଯୋଜକ, ପ୍ରଭାରୀଙ୍କ ସହିତ ଆଲୋଚନା କରିଥିଲେ।

# ଭାଜପା କର୍ମୀ ସମାବେଶ, ମିଶ୍ରଣ ସଭା


ଭାଜପାର ମିଶ୍ରଣ ପର୍ବ।

ବାଲିଆପାଳ, ୨୦।୫(ଗୋପାଳ ଚନ୍ଦ୍ର ସାହୁ)

ବସ୍ତା ନିର୍ବାଚନମଣ୍ଡଳୀରେ ଭାଜପାର ଶକ୍ତି ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଗତ ରବିବାର ସନ୍ଧାରେ ବାଲିଆପାଳ ବ୍ଲକ ଅଳାଡ଼ିହା ସଦାଶିବ କୁହ୍ଲାରିଙ୍କ ବାସଭବନରେ ଭାଜପାର କର୍ମୀ ସମାବେଶ ଓ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। କାଳିପଦା ମଣ୍ଡଳ ସଭାପତି ଦେବାନନ୍ଦ ପିଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସର ଯୁବନେତା ହିମାଂଶୁ କୁହ୍ଲାରିଙ୍କ ନେତୃତ୍ୱରେ ଚୈତନ ବାରିକ, ବିଭୂତି କୁହ୍ଲାରି, ମିଟୁ ଛୁଆଣଙ୍କ ସହିତ ବହୁ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ସମସ୍ତ ନବାଗତଙ୍କୁ ସ୍ୱାଗତ କରିଥିଲେ। ସଭାରେ ଜିଲା ସାଧାରଣ ସମ୍ପାଦକ ତଥା ବସ୍ତା ପ୍ରଭାରୀ ପର୍ଶୁରାମ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ପୂର୍ବତନ ବ୍ଲକ ସଭାପତି ରବୀନ୍ଦ୍ର ଦତ୍ତ, ଅଦୈତ୍ୟ ବାଗ, ମାନସ ଦାସ, ଗୌରବ ଅଣ୍ଡିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି ଭାଜପା ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଅଧିକ ସଂଖ୍ୟାରେ ଭୋଟ୍ ଦେଇ ବିଜୟ କରିବା ପାଇଁ ନିବେଦନ କରିଥିଲେ। ପୂର୍ବତନ ମଣ୍ଡଳ ସଭାପତି ରତ୍ନାକର କୁହ୍ଲାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ୟାମାପ୍ରସାଦ ବସ୍ତା ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ

ରୂପସା, ୨୦।୫(ବାଞ୍ଛାନିଧି ଦେ)-ଚଳିତ ସାଧାରଣ ନିର୍ବାଚନରେ ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରଚାର କାର୍ଯ୍ୟ ଓ ନିର୍ବାଚନର ସୁପରିଚାଳନା ପାଇଁ ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରାଙ୍କୁ କେନ୍ଦ୍ରୀୟ କମିଟି ତରଫରୁ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ରବିବାର ବିଳମ୍ବିତ ରାତ୍ରିରେ ବାଲେଶ୍ୱର ମାହେଶ୍ୱରୀ ଭବନରେ ନିର୍ବାଚନ ରଣନୀତି ପ୍ରସ୍ତୁତ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମନୋରଞ୍ଜନ ମିଶ୍ର, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମାପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟିରେ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଜିଲାର ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ବିଧାନସଭା ପ୍ରଭାରୀ ପର୍ଶୁରାମ ପରିଡ଼ା, କୃଷକମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ ସାହୁ, ଶିବ ଶଙ୍କର ପ୍ରଧାନ, ରବୀନ୍ଦ୍ର ଜୈନ, ବିକାଶ ଗିରି ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଜୟଲାଭ ପାଇଁ ପରିଚାଳନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଏହି ନିଯୁକ୍ତି ଫଳରେ ତୃଣମୂଳ କର୍ମୀଙ୍କମହଲରେ ଉତ୍ସାହ ଖେଳିଯାଇଛି।

# ଭୋଗୁପୁର ଗାଁରେ ବ୍ରହ୍ମଯଜ୍ଞ

## ମାନବ ସମାଜର କଲ୍ୟାଣ ନିମନ୍ତେ ବ୍ରାହ୍ମଣମାନେ କାର୍ଯ୍ୟ କରିବା ଉଚିତ

ଖଇରା, ୨୦।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଭୋଗୁପୁର ଗ୍ରାମରେ ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଚାଲିଥିବା ୨ଦିନିଆ ବ୍ରହ୍ମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶରତ କୁମାର ପଣ୍ଡା, ପଦ୍ମଲୋଚନ ଦାଶ, ଦୁର୍ଯ୍ୟୋଧନ ଉପାଧ୍ୟାୟଙ୍କ ଦ୍ୱାରା ଅଙ୍କୁରା ରୋପଣ, ଅଧିବାସ ଇତ୍ୟାଦି କାର୍ଯ୍ୟ କରାଯାଇଥିଲା। ଶନିବାର ଗୌରଚନ୍ଦ୍ର ପାଠୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତମାନଙ୍କ ଦ୍ୱାରା ୪ ବେଦ କୁଣ୍ଡ ନିର୍ମାଣ, ବିଷ୍ଣୁପୂଜା, ଗୀତାପାଠ ଓ ଚଣ୍ଡୀପାଠ କରାଯାଇଥିଲା। ଅପରାହ୍ନରେ ସମିତିର ଉପଦେଷ୍ଟା ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ବ୍ରହ୍ମସଭାରେ ରାଜ୍ୟ ବ୍ରାହ୍ମଣ ସଂଘର ସଭାପତି ଡା. ସଦାନନ୍ଦ ଦିକ୍ଷିତ, ଜିଲା ସମ୍ପାଦକ ଗୌରହରି ଦାଶ ଓ ବସନ୍ତ କୁମାର ଦିକ୍ଷିତ, ଖଇରା ସମିତିର ସଭାପତି ଜଳଧର ମିଶ୍ର, ଜିଲା ଯୁବ ବାହିନୀ ସମ୍ପାଦକ ବୈଦ୍ୟନାଥ ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ପର୍ଶୁରାମ ପଣ୍ଡା, କୃତିବାସ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ମାନବ ସମାଜର କଲ୍ୟାଣ, ବ୍ରହ୍ମଶକ୍ତିର ଉତ୍‌ଥାନ ନିମନ୍ତେ ବ୍ରାହ୍ମଣମାନେ କାର୍ଯ୍ୟକରିବା ଦରକାର ବୋଲି କହିଥିଲେ। ପଞ୍ଚାୟତସ୍ତରୀୟ ଶାଖାକମିଟି, ଜୋନ କମିଟି ତଥା ଭୋଗୁପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଭୋଗୁପୁର ଗ୍ରାମରେ ଅନୁଷ୍ଠିତ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ।

# ଘଣ୍ଟୁଆରେ ବିଜେଡିର କାର୍ଯ୍ୟାଳୟ ଉଦ୍‌ଘାଟିତ

କାଳିପଦା, ୨୦।୫(ରାଜଶ୍ରୀ ପାଣିଗ୍ରାହୀ)

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତର ବଡକସିଦାଠାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୨୧ ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟା କାଞ୍ଚନ ଜେନା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହିତ ମୁଁ ସବୁ ସମୟରେ ଆପଣମାନଙ୍କ ସହ ଥିଲି, ଆଗକୁ ମଧ୍ୟ ରହିବି, ଦୁଇ ଥର ଶଙ୍ଖ ଚିହ୍ନରେ ମୋହର ମାରି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଏବଂ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଜିତାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଗଙ୍ଗାଧର ରଣା, ସୁନୀଲ ଜେନା, ଗଜେନ୍ଦ୍ର ନାୟକ, ବିଜୟ ରଣା, ସରୋଜ ଜେନା, ମହେଶ୍ୱର ରଣା, ବାବୁଧର ଗିରି, ଅଜୟ ଦଳାଇ, ସୁଦର୍ଶନ ଅଣ୍ଡିଆ ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଯାତ୍ରାଦେଖା ମହଙ୍ଗା ପଡିଲା

### ଘରେ କଳାକନା ବୁଲାଇଦେଲେ ଦୁର୍ବୃତ୍ତ

ଖଇରା, ୨୦।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମଳିହା ଗ୍ରାମର ସସ୍ମିତା ପୃଷ୍ଟିଙ୍କ ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ପଶି କଳାକନା ବୁଲେଇ ଦେଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସସ୍ମିତାଙ୍କ ସ୍ୱାମୀ ବିଦେଶରେ ରହୁଥିବା ବେଳେ ଘରେ ତାଙ୍କ ଶାଶୁ ସହ ରୁହନ୍ତି। ରବିବାର ରାତିରେ ଗାଁରେ ହେଉଥିବା ଯାତ୍ରା ଦେଖିବା ଲାଗି ସସ୍ମିତା ତାଙ୍କ ଶାଶୁଙ୍କ ସହ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଘର ଓ ଆଲମିରା ଚାବିଭାଙ୍ଗି ରଖାଯାଇଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୬୦ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ।

# ଚୋରା ମୋରମ ବୋଝେଇ ଟ୍ରକ ଜବତ

ନୀଳଗିରି, ୨୦।୫(ପ୍ରଶାନ୍ତ ବିଶ୍ୱାଳ)

ଚୋରା ମୋରମ ବୋଝେଇ ଟ୍ରକ(ନଂ.ଓଡି୦୧କେ ୩୫୦୦) ବରହମପୁର-ମିତ୍ରପୁର ରାସ୍ତାରେ ଯାଉଥିବା ବେଳେ ଗୋପାଳପୁର ନିକଟରେ ନୀଳଗିରି ବନବିଭାଗର ଏକ ଟିମ୍ ଟ୍ରକକୁ ଅଟକାଇ ପରମିଟ ଯାଞ୍ଚ କରିଥିଲେ। ମାତ୍ର ଡ୍ରାଇଭର ଜଣକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରକ୍‌କୁ ଜବତ କରି ନୀଳଗିରି ଥାନାରେ ଜିମା ଦିଆଯାଇଛି। ଚଢାଉରେ ନୀଳଗିରି ରେଞ୍ଜ ଅଧିକାରିଣୀ ଆଇସା ଏ ନିଶା, ମିତ୍ରପୁର ଫରେଷ୍ଟର ସରୋଜ କୁମାର ପ୍ରଧାନ, ଗୋପାଳପୁର ଫରେଷ୍ଟଗାର୍ଡ଼ ଓ ସବୁଜବାହିନୀ ସାମିଲ ଥିଲେ। ଏନେଇ ଅଧିକ ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

# ମୋବାଇଲ ନୁହେଁ ବହି ଧରାଇବା ଅଭିଯାନ

## ବିଦ୍ୟାର୍ଥୀଙ୍କ ଲାଗି ଅଭିନବ ପ୍ରୟାସ

ବାହାନଗା, ୨୦।୫(ଅରୂପ କୁମାର ଦାସ )


ପିଲାମାନଙ୍କୁ ବହି ପଢିବା ଲାଗି ସଚେତନ କରାଯାଉଛି।

ବିଦ୍ୟାର୍ଥୀମାନଙ୍କୁ ମୋବାଇଲଠାରୁ ଦୂରେଇ ରଖିବା ଲାଗି ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ମଦନାପୁର ଶାସନରେ ଥିବା ଲୋକନାଥ ପାଠାଗାର ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ସେମାନଙ୍କ ହାତରେ ମୋବାଇଲ ନୁହେଁ ବହି ଧରାଇବା ଲାଗି ଅଭିଯାନ କରାଯାଇଛି।

ଏହି ପାଠାଗାର ୧୯୯୦ ମସିହାରୁ ଗଢିଉଠିଛି। ଏହି ପାଠାଗାର ପକ୍ଷରୁ ଏବେ ଭ୍ରାମ୍ୟମାଣ ନିଃଶୁଳ୍କ ପାଠକୀୟ ଅଭିଯାନ ଆରମ୍ଭ ହୋଇଛି। ଗ୍ରୀଷ୍ମକାଳୀନ ଅବକାଶ ଅବସରରେ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ଥିବା ବେଳେ ପିଲାମାନେ ଘରେ ବସି ମୋବାଇଲ ଧରି ସମୟ ନଷ୍ଟ କରୁଛନ୍ତି। ସେଥିପାଇଁ ପାଠାଗାର ପକ୍ଷରୁ ବିଭିନ୍ନ କୋଚିଂ ସେଣ୍ଟର ବୁଲି ପୁସ୍ତକ ଆମର ପରମ ବନ୍ଧୁ, ପୁସ୍ତକ ପଢିଲେ ଜ୍ଞାନର ବିକାଶ ହୋଇଥାଏ। ଏହି କଥା ପିଲାମାନଙ୍କୁ ବୁଝାଇବା ସହିତ ମନ ଛୁଆଁ କାହାଣୀ, ଗଳ୍ପ, ସାଧାରଣ ଜ୍ଞାନ, ବିଜ୍ଞାନ କଥା ଆଦି ପାଠାଗାରର କର୍ମକର୍ତ୍ତାମାନେ ପୁସ୍ତକ ପ୍ରଦାନ କରୁଛନ୍ତି। ଅନନ୍ତପୁର କସ୍ତୁରୀ କୋଚିଂ ସେଣ୍ଟର ପରିସରରେ ସଂଗ୍ରାହକ ବିକାଶ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆସ ବହି ପଢ଼ିବା ମୋବାଇଲକୁ ଛାଡ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ, ଅଧ୍ୟାପକ ଲକ୍ଷ୍ମଣ କୁମାର ବାରିକ, କବି ଗଦାଧର ସାହୁ ପ୍ରମୁଖ ଯୋଗଦେଇ ପୁସ୍ତକ ହିଁ ଜ୍ଞାନର ସର୍ବୋତ୍କୃଷ୍ଟ ମାଧ୍ୟମ ଉପରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ପିଲାମାନଙ୍କୁ ସଂଗ୍ରହାଳୟରେ ଥିବା ଦେଶବିଦେଶର ମୁଦ୍ରା, ପୁରୁଣା ଡାକ ଟିକେଟ, ତାଳପତ୍ର ପୋଥି ଆଦି ହଜିଯାଉଥିବା ପୁରୁଣା ଜିନିଷକୁ ଦେଖାଇ ପିଲାମାନଙ୍କୁ ସଂସ୍କୃତିସମ୍ପନ୍ନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ କସ୍ତୁରୀ କୋଚିଙ୍ଗ ସେଣ୍ଟର ମୁଖ୍ୟ ସୁଧାକର ସାହୁ ପାଠାଗାରର ଅଭିନବ ପ୍ରୟାସକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇ ଭୁଜାଲି ଚୋଟରେ ଭଉଣୀ ଗୁରୁତର

ବାରିପଦା,୨୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଦାରଗାଡାହିଠାରେ ପାରିବାରିକ ଗଣ୍ଡଗୋଳକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଲୋକ ଓ ପୋଲିସ ଉପସ୍ଥିତିରେ ଭାଇ ଭୁଜାଲି ଚୋଟରେ ଭଉଣୀ ଗୁରୁତର ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୩୨୨/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜଣକ ହେଲେ ଦେବାଶିଷ ଦଳବେହେରା । ଅକ୍ରମଣରେ ଦେବାଶିଷଙ୍କ ଭଣଜା ମଧ୍ୟ ଗୁରୁତର ହୋଇଛନ୍ତି।

ସୂଚନାଯୋଗ୍ୟ, ଦେବାଶିଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଫଳରେ ଉଭୟ ଅଲଗା ରହୁଥିଲେ। ଏହାର ସମାଧାନ ପାଇଁ ଭଉଣୀ ମୀନା ପରିଡ଼ା କିଛି ମହିଳାଙ୍କୁ ନେଇ ଦାରଗାହିରେ ଥିବା ଦେବାଶିଷଙ୍କ ଦୋକାନରେ ପହଞ୍ଚିଥିଲେ । ସେଠାରେ ଆଲୋଚନା ଚାଲିଥିବା ବେଳେ ଦେବାଶିଷ ଉତ୍‌କ୍ଷିପ୍ତ ହୋଇ ଏକ ଭୁଜାଲିରେ ଭଉଣୀ ମୀନାଙ୍କୁ ଆକ୍ରମଣ କରିଥିଲେ। ଭଣଜା ଶୁଭମ ପହଞ୍ଚି ପ୍ରତିରୋଧ କରିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଏହି ସମୟରେ ପୋଲିସର ପାଟ୍ରୋଲିଂ ଭ୍ୟାନ ସେଠାରେ ଅଟକି ଥିଲା। ମାତ୍ର ଦେବାଶିଷଙ୍କ ଉଗ୍ରରୂପ ଦେଖି ପୋଲିସ କର୍ମଚାରୀ ନିରବ ରହିଥିବା ଦେଖିବାକୁ ମିଳିଥିଲା। ଗୁରୁତର ମୀନା ଓ ତାଙ୍କ ପୁଅ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ସୁମିତ ସୋରେନ କହିଛନ୍ତି।

